# Akashvani, Sambalpur

## SAMBALPURI NEWS BULLETIN

### 4 July 2025- 6.47- 6.52 am.

**********************************************

ଆଡ଼ପ ଦର୍ଶନ୍        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ମାହାପୁରୁମାନ୍‌କର୍ ଆଡ଼ପ ମଣ୍ଡପ ଦର୍ଶନ୍ ଆଏଜ୍ ସଞ୍ଜ୍‌ବେଲେ ଶେଷ୍ ହେବା । ଇ ସମିଆଥି ଭକ୍ତଙ୍କର୍ ଜବର୍ ଭିଡ୍‌କେ ନଜର୍‌ଥି ରଖିକରି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଶୃଙ୍ଖଳିତ୍ ଦର୍ଶନ୍ ଲାଗି ଖାସ୍ ନୀତି ନିର୍ଘଂଟ କରାଯାଇଛେ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍‌ର ଗୁଟେ ରିପୋର୍ଟ…

(ଭଏସ୍ ଓଭର୍- ବିସ୍ମିତା ପ୍ରଧାନ୍)

*ଅଷାଢ଼୍ ମାସର୍ ଉଜଲ୍ ପଖର୍ ନଅମୀ ତିଥି ବେଲ୍‌କେ ଜନ୍ମବେଦୀ ନ ମାହାପୁରୁମାନ୍‌କର୍ ଆଡ଼ପ ଦର୍ଶନ୍ କଲେ କେତ୍‌ନିକେତେ ପୁଣ୍ୟ ମିଲ୍‌ସି ବଲି ବିଶ୍ୱାସ୍ ରହିଛେ । ଇ ଦିନ ଗୁଣ୍ଡିଚା ଘର ଆଡ଼ପ ମଣ୍ଡପ୍ ଠାନେ ମାହାପୁରୁଙ୍କର୍ ଶେଷ୍ ଦର୍ଶନ୍ କରାଯାଏସି । ଇତାର୍‌ସହେତେ ଶ୍ରୀଗୁଣ୍ଡିଚା ବାହାରକାଠ ଦର୍ଶନ୍ ଭିଲ୍ ଆଏଜ୍ ହେସି । ହେଥିର୍‌ଲାଗି ଆଝିରର୍ ସନ୍ଧ୍ୟା ଦର୍ଶନ୍ ବେଲ୍‌କେ ଭକ୍ତଙ୍କର୍ କେତ୍‌ନିକେତେ ଭିଡ଼୍ ଜମ୍‌ସି । ଇତାକେ ନଜର୍‌ଥି ରଖିକରି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଖାସ୍*

*ନିତୀ ନିର୍ଘଂଟ କରାଯାଇଛେ । ଆଏବାକାଏଲ୍ ବାହୁଡ଼ା ଯାତ୍ରାର୍ ହେବାର୍‌କେ ଥିବାର୍‌ବେଲେ ଆଏଜ୍‌ଠାନୁ ତୟାରି ମୁଲ୍ ହେଇଯାଇଛେ । ହେଥିର୍‌ଲାଗି ଆଏଜ୍ ଉପର୍‌ବେଲାର୍ ୬ ବଜେନୁ ଶ୍ରୀଗୁଣ୍ଡିଚା ମନ୍ଦିର୍‌ର ସିଂହଦୁଆର ସର୍ବସାଧାରଣଙ୍କର୍ ଲାଗି ବନ୍ଦ୍ ରହେବା । ଧାରିଜ୍ ସମିଆଥି ଶ୍ରୀଗୁଣ୍ଡିଚା ମନ୍ଦିର୍ ସୋଧ କରାଯାଇକରି ମାହାପୁରୁମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି କରାଯିବା । ଶ୍ରଦ୍ଧାଳୁମାନେ ଆଏବା କାଏଲ୍ ବାହୁଡ଼ା ଯାତ୍ରା ବେଲ୍‌କେ ରଥାରୁଢ଼ ମାହାପୁରୁମାନ୍‌କର୍ ଦର୍ଶନ୍ ପାଏବେ ।*

*ଆକାଶ୍‌ବାଣୀ ସମ୍ୱଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।*

ଜଳବାହିତ ରୋଗ- ନିରାକରଣ୍ ଅଭିଯାନ୍ I&PR

ଜଳବାହିତ ଆଉ ଜୀବାଣୁବାହିତ ରୋଗ୍‌ର ପ୍ରତିରୋଧ୍ ଲାଗି ସ୍ୱାସ୍ଥ୍ୟ ଆଉ ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ଆଏଜ୍ ଆଉ ଆଏବା ୧୧ ତାରିଖ୍ ସ୍ୱତନ୍ତ୍ର ଅଭିଯାନ୍ କରାଯିବା । ଖାସ୍‌କରି ଝାଡ଼ାବାନ୍ତି, ମେଲେରିଆ, ଡେଙ୍ଗୁ ବାଗିର୍ ରୋଗ୍‌ର ନିରାକରଣ୍ ଲାଗି ରାଜ୍ୟବ୍ୟାପୀ ପରିମଳ ବିଶୋଧନ୍ ଅଭିଯାନ୍ କରାଯିବା । ସର୍ବସାଧାରଣ ଜାଗା ଆଉ ପିଇବାର୍ ପାନିର୍ ଉତ୍ସମାନ୍‌କେ ବିଶୋଧନ୍ କରାଯିବା । ଆଶା ଆଉ ସ୍ୱାସ୍ଥ୍ୟକର୍ମୀମାନେ ଘର୍ ଘର୍ ବୁଲିକରି ଥିତି ଯାଚଂ କର୍‌ବେ । ଖାଦ୍ୟ ନିରାପତା ଅଧିକାରୀମାନେ ପାଏନ୍ ଆଉ ଖାଏବାର୍ ଦରବ୍‌ର ପେକିଂ କାର୍‌ଖାନା,

ହୋଟେଲ୍ ମାନ୍‌କେ ଖାଏବାର୍ ଦରବ୍‌ର ତଦାରଖ୍ କର୍‌ବେ । ପ୍ରଭାବିତ୍ ଇଲାକାମାନ୍‌କେ ରାଜ୍ୟସ୍ତରୀୟ ଟିମ୍, ସିଡିଏମ୍‌ଓ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଆଉ ୩ ଶହ ୭୭ ଟା ରାପିଡ୍ ଆକ୍ସନ୍ ଟିମ୍ ବୁଲ୍‌ବେ ବଲି ଗଲାକାଏଲ୍ ଜନସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ହେଇଥିବା ଉଚ୍ଚସ୍ତରୀୟ ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ସ୍କାଇମେଟ୍- ଏମ୍‌ଓୟୁ I&PR

ରାଏଜେ ପାଣିପାଗ ସୂଚନା ନେଟ୍‌ୱାର୍କ ଡାଟା ସିଷ୍ଟମ୍- ୱିଣ୍ଡ୍‌ସ୍ ପ୍ରକଳ୍ପ କାର୍ଯ୍ୟକାରୀ କର୍‌ବାର୍ ଲାଗି ରାଜ୍ୟ କୃଷି ବିଭାଗ୍ ଆଉ ପାଣିପାଗ ସୂଚନା ପ୍ରଦାନ୍‌କାରୀ ସଂସ୍ଥା ସ୍କାଇମେଟ୍ ଭିତ୍‌ରେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ବୁଝାମଣାପତ୍ର ଅନ୍‌ସାରେ ସମିଆ ଜାନି ସଠିକ୍ ପାଣିପାଗ ତଥ୍ୟ ପାଏବାର୍ ଲାଗି ବ୍ଲକ୍ ସ୍ତର୍‌ନ ସ୍ୱୟଂଚାଳିତ୍ ପାଣିପାଗ କେନ୍ଦ୍ର ଆଉ ପଂଚାୟତ୍‌ସ୍ତର୍ ନ ସ୍ୱୟଂ ଚାଳିତ ରେନ୍ ଗଜ୍ ଥାପ୍‌ନା କରାଯିବା । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଉପସ୍ଥିତ୍ ରହିକରି ଠିକ୍ ସମିଆଥି ପାଣିପାଗ ତଥ୍ୟ ମିଲ୍‌ଲା ଉତ୍‌ରୁ ଚାଷ୍‌ବାସ୍, ବୀମା ଆଉ ବିପର୍ଯ୍ୟୟ ପରିଚାଳନା ଦିଗେ ରଣନୀତି ତିଆର୍ କରାଯାଇପାର୍‌ବା ବଲି କହିଛନ୍ ।

## ପିଙ୍କ୍ ଜୋନ୍ ବ୍ୟବସ୍ଥା ଆର୍‌ଏନ୍‌ୟୁ/ ସମ୍ବଲପୁର

ମହିଲାମାନ୍‌କର୍ ସୁରକ୍ଷା ଲାଗି ଫି’ ୧୦ କିଲୋମିଟର୍‌ଥି ନ ପିଙ୍କ୍ ଜୋନ୍ ବ୍ୟବସ୍ଥା କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଭିଜନ୍ ଡକ୍ୟୁମେଂଟ୍-୨୦୩୬ ଆଉ ୨୦୪୭ ଥି ଲକ୍ଷ୍ୟ ରଖିଛନ୍ । ଭିଜନ୍ ଡକ୍ୟୁମେଂଟ୍ ଚିଠା ଅନ୍‌ସାରେ ପିଙ୍କ ଜୋନ୍ ନ ମହିଲାଙ୍କର୍ ସୁରକ୍ଷାର୍ ଅହରହ ତଦାରଖି, ସହାୟତା ଡେସ୍କ ଆଉ ୨୪ ଘଂଟିଆ ମନିଟରିଂ ସଙ୍ଗେ ବିପଦ୍ ବେଲ୍‌କେ ତୁର୍‌ତି ସାହାଜ୍ ବ୍ୟବସ୍ଥା ରହେବା । ଇଥି ପୁଲିସ୍ ଆଉଟ୍‌ପୋଷ୍ଟ, ସ୍ୱାସ୍ଥ୍ୟସେବା କେନ୍ଦ୍ର, ଆଇନ୍‌ଗତ ସାହାଜ୍ ଆଉ ଉଞ୍ଚା ଜରୁରୀ ସେବା ମିଲ୍‌ବା । ପହେଲା ଖେପେ ସହରୀ ଇଲାକା ଆଉ ପଛେ ଗାଁ ଇଲାକାମାନ୍‌କେ ପିଙ୍କ୍ ଜୋନ୍ କାର୍ଯ୍ୟକାରୀ କରାଯିବା । ମହିଲାମାନ୍‌କର୍ ସୁରକ୍ଷା ଲାଗି ଫିଜିକାଲ୍ ପେନିକ୍ ବଟନ୍ ବାଧ୍ୟତାମୂଲକ୍ କରାଯିବା । ସ୍କୁଲ୍ ଆଉ କଲେଜ୍ ମାନ୍‌କେ ସାଇବର୍ ସାକ୍ଷରତା ଅଭିଯାନ୍ ମୁଲ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଓଡ଼ିଶା ଭିଜନ୍ ଚିଠାଥି ଉଲ୍ଲେଖ୍ କରିଛନ୍ ।

## ଏକ୍ରିକ୍ ପ୍ରକଳ୍ପ ପୁରସ୍କୃତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ତାମିଲ୍‌ନାଡୁର୍ ଚେନ୍ନାଇ ଠାନେ ହେଇଥିବା ସିଫୁଡ଼୍ ଏକ୍ସପୋ ଭାରତ୍ - ୨୦୨୫ ଥି ସର୍‌କାରୀ କ୍ଷେତ୍ରଥି ଓଡ଼ିଶାର୍ ଏକ୍ରିକ୍ ପ୍ରକଳ୍ପ ପହେଲା

ପୁରସ୍କାର୍ ଜିତିଛେ । ଜଲ୍‌ବାୟୁ ସହନଶୀଳ ପାନିର୍ ଭିନ୍ ଭିନ୍ ଚାଷ୍ ଆଉ ସମାବେଶୀ ଗୋଷ୍ଠୀଭିତିକ୍ ବିକାଶ୍ ଲାଗି ଏକ୍ରିକ୍‌କେ ଇ ପୁରସ୍କାର୍ ଦିଆଯାଇଛେ । ଇ ଅବ୍‌ସରେ ଓଡ଼ିଶା ନ ଜଲବାୟୁ ସହନଶୀଳ କଙ୍କଡ଼ା ଚାଷ୍ ବାବ୍‌ଦେ ଏକ୍ରିକ୍ ତର୍‌ଫୁ ବିଶେଷ୍ ତଥ୍ୟ ଉପସ୍ଥାପନ୍ କରାଯାଇଥିଲା ।

ସ୍ନାତକୋତର ନାଁଲେଖା-ମେଧା ତାଲିକା I&PR

୨୦୨୫-୨୬ ଶିକ୍ଷା ବଛରେ ସ୍ନାତକୋତର ପାଠ୍ୟକ୍ରମ୍‌ଥି ନାଁ ଲେଖାବାର୍ ଲାଗି ଗଲାକାଏଲ୍ ୩ ନମ୍ବର୍ ଆଉ ଶେଷ୍ ମେଧା ତାଲିକା ବାହାରିଛେ । ଇଥର ୭ ହଜାର୍ ୫ ଶହ ୫୯ ଛାତ୍ରଛାତ୍ରୀ ନାଁଲେଖାବାର୍ ଲାଗି ମନୋନୀତ୍ ହେଇଛନ୍ । ଇ ଖେପେ ୨୦ ଟା ବିଶ୍ୱବିଦ୍ୟାଳୟ ଆଉ ଶହେ ୧ ଟା ମହାବିଦ୍ୟାଳୟ ନ ନାଁଲେଖାବାର୍‌କେ ଛାତ୍ରଛାତ୍ରୀଙ୍କୁ ସୁଯୋଗ୍ ମିଲ୍‌ବା । ନାଁଲେଖା ପ୍ରକ୍ରିୟା ସର୍‌ଲା ଉତ୍‌ରୁ ଆଏବା ୧୦ ତାରିଖ୍‌ନୁ ସ୍ନାତକୋତରେ ପାଠ୍‌ପଢ଼ା ମୁଲ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି ସୂଚ୍‌ନା ଦିଆଯାଇଛେ ।

ବିଏଡ୍ ଉତର୍‌ଖାତା I&PR

୨ ବର୍ଷିଆ ବିଏଡ୍, ଏମ୍ଏଡ୍ ଆଉ ବିଏଚ୍ଏଡ୍ ପାଠ୍ୟକ୍ରମ୍ଥି ନାଁଲେଖାବାର୍ ଲାଗି ହେଇଥିବା ପ୍ରବେଶିକା ପରୀକ୍ଷା ଉତର୍ ଖାତା ସାର୍ବଜନୀନ କର୍ବାର୍କେ ଏସ୍ଏସ୍ବି ତର୍ଫୁ ନିଷ୍ପତି ନିଆଯାଇଛେ । ପରୀକ୍ଷାର୍ଥୀମାନେ ଆଏବା ୭ ତାରିଖ୍ ଦିନର୍ ୧୧ ବଜେ ଏସ୍ଏସ୍ବି ୱେବ୍ସାଇଟ୍ ssbodisha.ac.in ଥି ଉତର୍ଖାତା ପାଇପାର୍ବେ । ଉତର୍ଖାତାନୁ କିଛି ଆପତି ଥିଲେ ୮ ତାରିଖ୍ www.samsodisha.gov.in ଥି ଅଭିଯୋଗ୍ ଦାଖଲ୍ କରିପାର୍ବେ ବଲି ଏସ୍ଏସ୍ବି କର୍ତୃପକ୍ଷ ସୂଚ୍ନା ଦେଇଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହେବାର୍ ସହେତେ ଉତର୍ ଓଡ଼ିଶା ଆଉ ତାର୍ ପାଖାପାଖ୍ରି ପଶ୍ଚିମବଙ୍ଗ୍- ଉତର୍ ବଙ୍ଗୋପ୍ସାଗର୍ ପାଖେ ବନିଥିବା ଲଘୁଚାପ୍ କ୍ଷେତ୍ରର୍ ପ୍ରଭାବ୍ଥି ଜବର୍ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ସୂଚ୍ନା ଅନ୍ସାରେ ଆଏବା ୪ ଦିନ୍ ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍ରେ ପଶ୍ଚିମ ଓଡ଼ିଶାର୍ ସବୁ ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।